## ମାନ୍ୟବର ବିଦ୍ୟୁତ୍ ଅପିଲ ନ୍ୟାୟାଧିକରଣ (ATE) ଙ୍କ ନିର୍ଦ୍ଦେଶାନୁସାରେ ୨୦୧୦-୧୧ ଓ ୨୦୧୧-୧୨ ପାଇଁ କ୍ରସ୍-ସବ୍‌ସିଡି ସମ୍ବନ୍ଧରେ ବିଦ୍ୟୁତ୍ ନିୟାମକ ଆୟୋଗଙ୍କର ରାୟ ପ୍ରକାଶ

ବିଦ୍ୟୁତ୍ ନିୟାମକ ଆୟୋଗ ୨୦୧୦-୧୧ ଏବଂ ୨୦୧୧-୧୨ ମସିହାରେ, ହାରାହାରୀ ବିଦ୍ୟୁତ୍ ଯୋଗାଣ ମୂଲ୍ୟକୁ ବିଚାରକୁ ନେଇ ବିଭିନ୍ନ ବର୍ଗର ଉପଭୋକ୍ତାମାନଙ୍କ ପାଇଁ ବିଦ୍ୟୁତ୍ ଶୁଳ୍କ ଧାର୍ଯ୍ୟ କରିଥିଲେ। ଏହି ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ ପଦ୍ଧତିକୁ ବିରୋଧ କରି କେତେକ ଶିଳ୍ପ ସଂସ୍ଥା ନୂଆଦିଲ୍ଲୀସ୍ଥିତ ବିଦ୍ୟୁତ୍ ଅପିଲ୍ ନ୍ୟାୟାଧିକରଣଙ୍କର ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଧିକରଣ ଶିଳ୍ପ ସଂସ୍ଥାମାନଙ୍କର ଅଭିଯୋଗର ଶୁଣାଣୀ କରି ତାଙ୍କର ୩୦.୦୫.୨୦୧୧ (୨୦୧୦-୧୧) ଓ ୦୨.୦୯.୨୦୧୧ (୨୦୧୧-୧୨ ପାଇଁ) ନିର୍ଦ୍ଦେଶରେ ବିଦ୍ୟୁତ୍ ନିୟାମକ ଆୟୋଗଙ୍କୁ ବିଦ୍ୟୁତ୍ ଦର ନ୍ୟାୟାଧିକରଣଙ୍କର ପ୍ରସ୍ତାବିତ ଧାରା (Guideline) ଅନୁସାରେ ଧାର୍ଯ୍ୟ କରିବା ପାଇଁ ଆଦେଶ ଦେଇଥିଲେ ଏବଂ ଏହି ଆଦେଶକୁ ନଭେମ୍ବର ୩୦, ୨୦୧୧ ତାରିଖ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ମଧ କହିଥିଲେ। ନ୍ୟାୟାଧିକରଣଙ୍କର ଏହି ଆଦେଶକୁ ବିରୋଧ କରି ସେସୁ ଓ ବିଦ୍ୟୁତ୍ ନିୟାମକ ଆୟୋଗ ସର୍ବୋଚ୍ଚ ନ୍ୟାୟଳୟଙ୍କ ନିକଟରେ ଅପିଲ୍ କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କୁ ବିଦ୍ୟୁତ୍ ଶୁଳ୍କ ଶୁଣାଣୀ ସମୟରେ ଉପସ୍ଥିତ ଥିବା ସମସ୍ତ ପକ୍ଷଙ୍କର ମତାମତକୁ ବିଚାରକୁ ନେଇ ୨୦୧୦-୧୧ ଏବଂ ୨୦୧୧-୧୨ ମସିହାର Cross-subsidy in Tariff ୧୬.୧୨.୨୦୧୧ ଠାରୁ ୬ ସପ୍ତାହ ମଧରେ ନିଷ୍ପତ୍ତି ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଆୟୋଗ ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ ସମୟରେ ଉପସ୍ଥିତ ଥିବା ସମସ୍ତ ସଂସ୍ଥା, ବ୍ୟକ୍ତିବିଶେଷ, ଲାଇସେନ୍ସୀ ଇତ୍ୟାଦିଙ୍କୁ ଗତ ନଭେମ୍ବର ୨୪ ଓ ୨୫ ତାରିଖରେ ଶୁଣାଣୀ କରିଥିଲେ। ଶୁଣାଣୀ ସମୟରେ ଘରୋଇ ଉପଭୋକ୍ତାମାନେ ଆୟୋଗଙ୍କ ଦ୍ୱାରା ସମସ୍ତ ପ୍ରକାର ଉପଭୋକ୍ତାଙ୍କୁ ମିଶାଇ ବିଦ୍ୟୁତ୍ ଯୋଗାଣର ହାରାହାରୀ ମୂଲ୍ୟକୁ ବିଚାରକୁ ନେଇ ବିଦ୍ୟୁତ୍‌ଶୁଳ୍କ ନିର୍ଦ୍ଧାରଣ ପଦ୍ଧତି ଠିକ୍ ବୋଲି କହିଥିଲେ ଏବଂ ଶିଳ୍ପସଂସ୍ଥାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଓ ସେବାରେ ଜନସାଧାରଙ୍କଠାରୁ ବିଦ୍ୟୁତର ମୂଲ୍ୟ ପରୋକ୍ଷ ଭାବରେ ଅସୁଲ କରୁଥିବାରୁ ସେମାନଙ୍କ ପାଇଁ ଧାର୍ଯ୍ୟ ବିଦ୍ୟୁତଶୁଳ୍କ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ। ରାଜ୍ୟ ଉପଦେଷ୍ଟା କମିଟିର ଅଧିକାଂଶ ସଦସ୍ୟ ଗତ ନଭେମ୍ବର ୧୧ରେ ହୋଇଥିବା ସଭାରେ ହାରାହାରୀ ବିଦ୍ୟୁତ୍ ଯୋଗାଣ ମୂଲ୍ୟକୁ (Average Cost of Supply) ଆଧାର କରି ଆୟୋଗଙ୍କ ଦ୍ୱାରା ସ୍ଥିର କରାଯାଇଥିବା ବିଦ୍ୟୁତ ଶୁଳ୍କ ଠିକ୍ ବୋଲି ମତାମତ ଦେଇଥିଲେ ଓ ଭୋଲଟେଜ୍ ଭିତ୍ତିକ ବିଦ୍ୟୁତ୍ ଶୁଳ୍କ (Cost of Supply on voltage-wise) ନିର୍ଦ୍ଧାରଣ ଅତ୍ୟନ୍ତ ଜଟିଳ ଓ ସରକାରଙ୍କର କୌଣସି ସବ୍‌ସିଡ଼ି ନଥିଲା ବେଳେ ଏହାଦ୍ୱାରା ସାଧାରଣ ଉପଭୋକ୍ତାମାନଙ୍କର ଶୁଳ୍କ ବଢ଼ିବାର ସମ୍ଭାବନା ଅଛି ବୋଲି ମଧ ମତ ଦେଇଥିଲେ। ସେହି ସଭାରେ, ଶିଳ୍ପ ସଂସ୍ଥାମାନଙ୍କ ତରଫରୁ ଉପସ୍ଥିତ ଥିବା ସଦସ୍ୟ ପୁନଃ ନିର୍ଦ୍ଧାରଣ କରିବା ସପକ୍ଷରେ ମତାମତ ଦେଇଥିଲେ। Cost of supply on voltage-wise ବିଚାର

କରି ବିଦ୍ୟୁତ୍ ଶୁଳ୍କ ସମ୍ବନ୍ଧରେ ସମସ୍ତ ବିଷୟକୁ ବିଚାରକୁ ନେଇ ଆୟୋଗ ତାଙ୍କର ରାୟ ୨୧.୦୧.୨୦୧୨ରେ ପ୍ରକାଶ କରିଅଛନ୍ତି ।

୨. ଏଠାରେ ସ୍ମରଣ କରାଯାଇପାରେ ଯେ ଇତିମଧ୍ୟରେ Tariff Regulation 7(c)(iii), ୧୦.୦୮.୨୦୧୧ ଠାରୁ ସଂଶୋଧିତ ହୋଇସାରିଛି, ଯାହାଫଳରେ ବିଭିନ୍ନ ବର୍ଗର ଉପଭୋକ୍ତାମାନଙ୍କ ପାଇଁ ଭବିଷ୍ୟତରେ ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ କଲାବେଳେ ହାରାହାରୀ ବିଦ୍ୟୁତ ଯୋଗାଣର ମୂଲ୍ୟ (Avg. Cost of Supply) କୁ ବିଚାରକୁ ନିଆଯିବ ।

***Tariff Regulation 7(c)(iii)***

***"For the purpose of computing Cross-subsidy payable by a certain category of consumer, the difference between average cost-to-serve all consumers of the State taken together and average tariff applicable to such consumers shall be considered."***

କିନ୍ତୁ ମାନ୍ୟବର ବିଦ୍ୟୁତ୍ ଅପିଲ ନ୍ୟାୟାଧିକରଣଙ୍କ ଆଦେଶାନୁସାରେ ୨୦୧୦-୧୧ ଓ ୨୦୧୧-୧୨ ପାଇଁ ଯଦିଓ ଆୟୋଗ ଭୋଲଟେଜ୍ ଭିତ୍ତିକ ବିଦ୍ୟୁତ୍ ଯୋଗାଣ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି, କିନ୍ତୁ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟଳୟ ଘରୋଇ ଉପଭୋକ୍ତାଙ୍କ ବିର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ଉପରେ ୨୦୧୧-୧୨ ପାଇଁ ରହିତାଦେଶ ବଳବତ୍ତର ଥିବାରୁ ଓ ଗ୍ରୀଡ଼କୋ ତଥା ଅନ୍ୟାନ୍ୟ ବିଦ୍ୟୁତ ବଣ୍ଟନକମ୍ପାନୀମାନେ ନ୍ୟାୟାଧିକରଣଙ୍କ ନିକଟରେ ୨୦୧୦-୧୧ ଓ ୨୦୧୧-୧୨ର BST, Transmission ଓ RST Order କୁ ବିରୋଧ କରି ଅପିଲ୍ କରିଥିବା କାରଣରୁ ଆୟୋଗ ୨୦୧୦-୧୧ ଓ ୨୦୧୧-୧୨ ପାଇଁ ବିଦ୍ୟୁତ୍ଶୁଳ୍କ ପୁନଃ ନିର୍ଦ୍ଧାରଣ ନିର୍ଦ୍ଦେଶ ଦେବା ପାଇଁ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି । ଏଣୁ ବିଭିନ୍ନ ବର୍ଗର ବିଦ୍ୟୁତ ଉପଭୋକ୍ତାମାନେ ୨୦୧୦-୧୧ ଓ ୨୦୧୧-୧୨ ପାଇଁ ଆୟୋଗ ଧାର୍ଯ୍ୟ କରିଥିବା ବିଦ୍ୟୁତ୍ ଶୁଳ୍କ ଅନୁସାରେ ପୈଠ କରିବେ କିନ୍ତୁ ମାନ୍ୟବର ଉଚ୍ଚ ନ୍ୟାୟଳୟ, ଓଡ଼ିଶାଙ୍କର ସ୍ଥଗିତାଦେଶ ଯୋଗୁଁ ଏଲ୍.ଟି ଘରୋଇ ଉପଭୋକ୍ତାମାନଙ୍କ ଠାରୁ ୨୦୧୧-୧୨ ପାଇଁ ମାନ୍ୟବର ହାଇକୋର୍ଟଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବର୍ଦ୍ଧିତ ଧାର୍ଯ୍ୟ ବିଦ୍ୟୁତ୍ ଶୁଳ୍କ ଆଦାୟ କରାଯିବ ନାହିଁ ।